କ୍ରୀଡା ବିବିଧ ଓ ମନୋରଞ୍ଜନ

ପୃଷ୍ଠା-୮
ଗୁରୁବାର ୨୨, ଫେବୃଆରୀ ୨୦୧୮, ଭୁବନେଶ୍ୱର
Thursday, 22 February 2018, Bhubaneswar

ବିଜେପିର ହିଂସ୍ର ଆଚରଣ ବିରୋଧରେ ଜନତା ମଇଦାନର ଗାନ୍ଧୀ ମୂର୍ତ୍ତି ତଳେ ବିଜେଡିର ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ।

ବିକାଶ ବକ୍ତବ୍ୟକୁ ଧର୍ମେନ୍ଦ୍ରଙ୍କ ସମାଲୋଚନା

ଭୁବନେଶ୍ୱର,୨୧।୨(ନି.ପ୍ର.): ବିଜେପୁରବାସୀଙ୍କ ସହ ମୁଖ୍ୟମନ୍ତ୍ରୀ ଦୀର୍ଘ ଦିନ ଧରି ଛଳନା ଓ ଧୋକା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିଜେପୁର ନିର୍ବାଚନ ମଣ୍ଡଳୀରେ କ୍ରମାଗତ ତୃତୀୟ ଦିନରେ ମାରାଥନ୍ ପ୍ରଚାର କରି ଶ୍ରୀ ପ୍ରଧାନ କହିଛନ୍ତି ମୁଖ୍ୟମନ୍ତ୍ରୀ ବିଜେଡି ପ୍ରାର୍ଥିନୀ ରୀତା ସାହୁଙ୍କ ପାଇଁ ଭୋଟ୍ ମାଗିବା ସମୟରେ ଏଣିକି ସେ ବିଜେପୁରର ବିକାଶର ଦାୟିତ୍ୱ ନିଜ ମୁଣ୍ଡକୁ ନେବେ ବୋଲି କହିବା ବିଜେପୁରବାସୀଙ୍କ ସହ ସବୁଠୁ ବଡ ଧୋକା ।

୧୮ ବର୍ଷ ଶାସନରେ ରହିବା ପରେ ବିଜେପୁରର ବିକାଶର ଦାୟିତ୍ୱ କାହିଁକି ନିଜ ମୁଣ୍ଡକୁ ନେଇ ନଥିଲେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ୧୮ ବର୍ଷର ବିକାଶର ଦାୟିତ୍ୱକୁ ଅଣଦେଖା କରିବା କାରଣରୁ ବିଜେପୁରର ଗାଁ ଗଣ୍ଡାରେ ଶୁଦ୍ଧ ପାନୀୟ ଜଳ ପହଂଚିନାହିଁ । ଚଷା ଚାଷୀଙ୍କ ଅଂଚଳରେ କ୍ଷେତକୁ ପାଣି ନାହିଁ , ସ୍କୁଲରେ ଶିକ୍ଷକ ନାହାନ୍ତି । ଡାକ୍ତରଖାନା ଡାକ୍ତରଶୂନ୍ୟ। ୨୪ ଘଂଟିଆ ବିଜୁଳି ନାହିଁ ବୋଲି ବିଜେପୁରବାସୀ ଅନୁଭବ କରୁଛନ୍ତି ଓ ଏହାର ଜବାବ୍ ଦେବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଦିବଂଗତ ବିଧାୟକ ସୁବଳ ସାହୁଙ୍କ ପତ୍ନୀ ରୀତା ସାହୁଙ୍କୁ ବର୍ଷକ ପାଇଁ ବିଧାୟିକା କରିବା ପାଇଁ ଭୋଟରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ସମାଲୋଚନା କରି ଶ୍ରୀ ପ୍ରଧାନ କହିଛନ୍ତି ୨୦୧୯ ପରେ ରୀତା ସାହୁଙ୍କ ବଦଳରେ କାହାକୁ ବିଧାୟକ କରିବାକୁ ଚାହୁଁଛନ୍ତି ମୁଖ୍ୟମନ୍ତ୍ରୀ ପ୍ରଥମେ ସ୍ପଷ୍ଟ କରନ୍ତୁ ।

ନିଜ ଆସନ୍ର ପରାଜୟରେ ବିବ୍ରତ ହୋଇ ଗଣତାନ୍ତ୍ରିକ ପଦ୍ଧତିରେ ନୁହେଁ ପୋଲିସ୍ କୁ ଗୁଣ୍ଡା ଭଳି ବ୍ୟବହାର କରି ନିର୍ବାଚନ ଜିତିବାକୁ ଚାହୁଁଛି ଶାସକ ଦଳ ବିଜେଡିବୋଲି ସେ ଅଭିଯୋଗ କରିଛନ୍ତି ।ଶ୍ରୀ ପ୍ରଧାନ କହିଛନ୍ତି ଯେ ଭୁବନେଶ୍ୱରରେ ବସିଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ନିଜର ସାମ୍ବିଧାନିକ ଦାୟିତ୍ୱ ନୁହେଁ ମୁଖ୍ୟମନ୍ତ୍ରୀଙ୍କ ବଚସ୍କରଙ୍କ ନିର୍ଦ୍ଦେଶରେ କାମ କରୁଛନ୍ତି । ଏସପି ଓ ପୋଲିସ୍ ପ୍ରଶାସନ ନିୟମ କାନୁନ କୁ ଭାଙ୍ଗି ଶାସକ ଦଳକୁ ଜିତାଇବା ପାଇଁ ଦିନ ରାତି ଏକ କରୁଛନ୍ତି ।

ସେହିପରି ଚପଲ ଫିଙ୍ଗା ଘଟଣାରେ ଶସସ୍ପୃକ୍ତ ଥାନାର ଆଇଆଇସି ଯୁବକ ଜଣକ ଅଧା ପାଗଳ ଓ ତାଙ୍କର ରାଜନୈତିକ ସମ୍ପର୍କ ନଥିବା କହୁଥିବା ବେଳେ ତାଙ୍କ ଉପରିସ୍ଥ ଅଧିକାରୀ କିପରି ବିଜେପି ସହିତ ଯୋଡିଲେ ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପ୍ରଧାନ ।

ବିଏସ୍ଏନଏଲ୍ର ଆକର୍ଷଣୀୟ ଡାଟା ଉପହାର

ଭୁବନେଶ୍ୱର, ୨୧।୨ : ରାଷ୍ଟ୍ରାୟତ୍ତ ବୃହତ୍ତମ ଟେଲିକମ୍ ଉଦ୍ୟୋଗ ବିଏସ୍ଏନ୍ଏଲ୍, ପ୍ରିପେଡ୍ ମୋବାଇଲ୍ ଗ୍ରାହକମାନଙ୍କ ନିମିତ୍ତ ଅସୀମିତ ଏବଂ ଆକର୍ଷଣୀୟ ଉପହାର ପ୍ରଦାନ କରୁଛି। ମୁଖ୍ୟ ମହାପ୍ରବନ୍ଧକ ସତ୍ୟାନନ୍ଦ ନାଏକ କହିଛନ୍ତି ଯେ, ବିଏସ୍ଏନ୍ଏଲ୍ ଶସ୍ତା ଏବଂ ଉତ୍କୃଷ୍ଟ ସେବା ପ୍ରଦାନ କରିବା ନିମିତ୍ତ ପ୍ରତିବଦ୍ଧ ଏବଂ ଗ୍ରାହକମାନେ ତା'ର ସୁବିଧା ଉପଯୋଗ କରନ୍ତୁ। ୧. ଭିଏସ୍ ଏସ୍ଟିଭି- ୨୬/୪୭/୯୯/୩୧୯, ୨/୧୧/୨୬/୯୦ ଦିନର ବୈଧତା ସହ ଅସୀମିତ ଭଏସ କଲ୍ ସମସ୍ତ ନେଟୱାର୍କ ଏବଂ ରୋମିଙ୍ଗ (ଦିଲ୍ଲୀ, ମୁମ୍ବାଇ ବ୍ୟତୀତ) ପ୍ରଦାନ କରୁଛି। ୨. ୧ ଜିବି/୨ଜିବି ଡାଟା ମାତ୍ର ୭ ଟଙ୍କା ଏବଂ ୧୩ ଟଙ୍କା ବିନିମୟରେ ୧ ଦିନର ବୈଧତା ସହ ଉପଲବ୍ଧ ଅଟେ। ଡାଟା ଏସ୍ଟିଭି ୩୩୩ ପ୍ରତ୍ୟକ ଅସୀମିତ ୩ ଜିବି ଡାଟା ସହ - ୪୫ ଦିନ ପର୍ଯ୍ୟନ୍ତ ଡାଟା ଏସ୍ଏସିଭି ୪୪୪ ପ୍ରତ୍ୟହ ଅସୀମିତ ୪ ଜିବି ଡାଟା-୬୦ ଦିନ ପର୍ଯ୍ୟନ୍ତ ଉପଲବ୍ଧ। ୩. କମ୍ବୋ (ଭଏସ୍ + ଡାଟା) ଏସ୍ଟିଭି ୫୮/୧୮୬/୪୨୯/୪୮୫/୬୬୬/ ଦିନ ୭/୨୮/୮୧/୯୦/୧୨୯ ଦିନ ପର୍ଯ୍ୟନ୍ତ ଉପଲବ୍ଧ। ଅଧିକ ବିବରଣୀ ପାଇଁ ୧୫୦୩ କୁ କଲ୍ ପରିପାରିବେ।

ରାଜଧାନୀରେ ବିଶାଳ ସଂକୀର୍ତ୍ତନ ସମାବେଶ

ଭୁବନେଶ୍ୱର,୨୧।୨(ନି.ପ୍ର.): ଭୁବନେଶ୍ୱରରେ ସଂକୀର୍ତ୍ତନ ସମାବେଶ । ପ୍ରଦର୍ଶନୀ ପଡିଆରେ ଆୟୋଜିତ ହେବ ଏହି ସମାବେଶ। ଓଡ଼ିଶା କଳା ସଂସ୍କୃତି ସେବାସଂଘ ପକ୍ଷରୁ ଏହି ସମାବଶର ଆୟୋଜନ କରାଯାଇଛି । ଏହି ଅବସରରେ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଠାରୁ ପ୍ରଦର୍ଶନୀ ପଡ଼ିଆ। ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଚାଲିଛି । ଏଥିରେ ୫୦ ହଜାରରୁ ଅଧିକ ଲୋକ ଯୋଗ ଦେଇଛନ୍ତି । ବିଲୁପ୍ତ ଲୋକକଳାକୁ ବଂଚଇବା ଓ ରାଜ୍ୟବାସୀଙ୍କ ମନରେ ଆଧ୍ୟାତ୍ମିକ ମନୋଭାବ ସୃଷ୍ଟି କରିବା ପାଇଁ ଏହି ସମାବେଶର ଆୟୋଜନ କରାଯାଇଛି । ସମାବେଶରେ ଅଧ୍ୟକ୍ଷତା କରିବେ ଆମ ଓଡିଶା ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ।

ଅଭୂତପୂର୍ବ ସଂକୀର୍ତ୍ତନ ମଣ୍ଡଳୀରେ ଯୋଗ ଦେଇ ବହୁତ ଖୁସି ବୋଲି କହିଛନ୍ତି ଓଡିଶା ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ । ସେ କହିଛନ୍ତି, ଜଗନ୍ନାଥ ଧର୍ମ ବିଭାଜନରେ ବିଶ୍ୱାସ କରୁନଥିଲେ । ଜଗନ୍ନାଥଙ୍କ ସଂସ୍କୃତିକୁ ପ୍ରଚାର କରିବା ଆମ କାମ । ତାଙ୍କୁ ଅବହେଳା କରାଯାଉ ବୋଲି ମଧ୍ୟ କହିଛନ୍ତି । ଏହି ସଂକୀର୍ତ୍ତନ ମହାସମାବେଶରେ ସେ କିଛି ରାଜନୈତିକ ଦଳକୁ ଟାର୍ଗେଟ ମଧ୍ୟ କରିଛନ୍ତି । ସେ କହିଛନ୍ତି, ଯେଉଁମାନେ ଲୋକଙ୍କୁ ଭାଗ ଭାଗ କରିବା ପାଇଁ ଗହୁଁଛନ୍ତି ତାଙ୍କୁ ଏହି ସମାବେଶ ଏକ ଠକଣା ବାର୍ତ୍ତା ଦେବ ।

ପାରାଦୀପ ରିଫାଇନାରୀରେ ଅଫସାଇଟ୍ ଡିଜାଷ୍ଟର ଡ୍ରିଲ୍

ପାରାଦୀପ,୨୧।୨(ନି.ପ୍ର.): ପାରାଦୀପ ରିଫାଇନାରୀ ଏବଂ ଜଗତସିଂହପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଗତ ୨୦ତାରିଖ ଦିନ ଅଫସାଇଟ୍ ଡିଜାଷ୍ଟର ଡ୍ରିଲ୍ କରାଯାଇଥିଲା । ପାରାଦୀପ ରିଫାଇନାରୀ ପରିଷରରେ ଥିବା ପାରାଦୀପ ହଳଦୀଆ ଦୂର୍ଗାପୁର ପାଇପଲାଇନରୁ ଏକ ବଡ ଏଲପିଜି ଗ୍ୟାସ ନିର୍ଗତ ହେବା ଦୃଶ୍ୟଲେଖ କରାଯାଇଥିଲା । ଏହି ଗ୍ୟାସ ନିର୍ଗତ ଦିନ ୧୧ଟା ସମୟରେ ଆରମ୍ଭ ହୋଇଥିଲା । ପାରାଦୀପ ହଳଦୀଆ ଦୂର୍ଗାପୁର ପାଇପଲାଇନରେ ଅବସ୍ଥାପିତ ହାଇଡ୍ରୋକାର୍ବୋନ ଡିକ୍ଟେଟରର ନିୟମାନୁସାରେ କକ୍ଷରୁ ସତର୍କ ସୂଚନା ସିପଟ୍ ଇନିଚାର୍ଜ ପାଇଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବିଶ୍ୱାଳ, ଏଏସପି ବଷ୍ଣୁଚରଣ ମିଶ୍ର, ଆଇଓସିଏଲର କାର୍ଯ୍ୟକାରୀ ନିର୍ଦ୍ଦେଶକ (ଟେକନିକାଲ୍) ଟିଡିଭିଏସ୍ ଗୋପାଳ କ୍ରିଷ୍ଣନ୍, ଇଫକୋ, ପିପିଏଲ, ପିଏଚବିପିଏଲ୍ର ପ୍ରତିନିଧିଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗ ଦେଇ ଏହି ଅଫସାଇଟ୍ ଡିଜାଷ୍ଟର ଡ୍ରିଲ୍କୁ ନିରିକ୍ଷଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କର ପ୍ରଚେଷ୍ଟାକୁ ପ୍ରଶଂସା କରିବା ସହିତ ଜରୁରୀକାଳିନ ପରିସ୍ଥିତିକୁ ସମ୍ଭାଳିବା ପାଇଁ ନିକଟବର୍ତ୍ତୀ ଜନବସତିରେ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ଉପଦେଶ ଦେଇଥିଲେ । ଶେଷରେ ଆଇଓସିଏଲର କାର୍ଯ୍ୟକାରୀ ନିର୍ଦ୍ଦେଶକ (ପ୍ରଭାରୀ) ଜିଏସ୍ ସିଂହ ଏହି ମକ୍ଡ୍ରିଲର ସଫଳ ସମାପ୍ତି ପାଇଁ ଧନ୍ୟବାଦ ଦେଇଥିଲେ ।

ସଡ଼କ ଦୁର୍ଘଟଣା ନେଲା ୩ ଜୀବନ, ୨୦ ଆହତ

କଳାହାଣ୍ଡି/କଟକ,୨୧।୨ (ନି.ପ୍ର.): ରାଜ୍ୟର ଦୁଇଟି ପୃଥକ ପୃଥକ ସ୍ଥାନରେ ଦୁର୍ଘଟଣା ଘଟି ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ କାଲୋପଲା ଠାରେ ସଡକ ଦୁର୍ଘଟଣାରେ ଦୁଇ



ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ ଆହତ ହୋଇଛନ୍ତି । ସମସ୍ତଙ୍କ ଜୁନାଗଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ୫ ଜଣ ଗୁରୁତରଙ୍କୁ ଭବାନୀପାଟଣା ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି । ଜୁନଗଡରୁ ଏକ ବାହାଘର ସାରି ଜୟପାଟଣା ଫେରୁଥିବା ବ୍ୟାଣ୍ଡ ପାର୍ଟି ପିକ୍ଅପ୍ ୨୬ ନମ୍ବର ଜାତୀୟ ରାଜପଥ କଲୋପଲ ନିକଟରେ ଏକ ଟ୍ରକ୍ ଧକ୍କା ଦେଇଥିବା ଜଣାପଡ଼ିଛି ।

ସେହିପରି କଟକ କଂଟାପଡ଼ା ବ୍ଲକ ସୁନ୍ଦର ଗାଁ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଅଟୋ ରିକ୍ସା ସହ ବାଇକର ମୁହାମୁହିଁ ଧକ୍କା ହୋଇଛି ।ଏହି ଘଟଣାରେ ଜଣେ ଯୁବକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଲେ ବଡ଼ଝରିଲ ଗାଁର ଅରୁଣ ସାମଲ । ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଯାଇଛି । ଗତକାଲି ମଧ୍ୟ ମର୍ମନ୍ତୁଦ ଦୁର୍ଘଟଣାରେ ୪ ଜଣଙ୍କ ଜୀବନ ଯାଇଥିଲା ।

ନାଲ୍କୋ ମହିଳା ସମିତି ପକ୍ଷରୁ ସଭାପତି ଶ୍ରୀମତୀ ପ୍ରୀତି ରୟଙ୍କ ନେତୃତ୍ୱରେ ଆବୃତ ଚିଲ୍ଡ୍ରେନ ହୋମ୍ ପରିଦର୍ଶନରେ ଯାଇ ଅନାଥ ପିଲାଙ୍କୁ ପୋଷାକ, ବେଡ୍ ସିଟ୍ ଓ ବ୍ଲାଙ୍କେଟ ପ୍ରଦାନ କରାଯାଇଥିଲା । ଏହି ଅବସରରେ ସମ୍ପାଦକ ତୃପ୍ତି ଦାସ, ଜଏଣ୍ଟ ସମ୍ପାଦକ ନମିତା ସାହୁ, କୋଷାଧକ୍ଷ ସ୍ମିତା ନାଥ, ସବିତା ପଟ୍ଟନାୟକ ଓ ସରିତା ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ ।

ପାନପୋଷ ସ୍ପୋର୍ଟସ କ୍ଲବ ଚାମ୍ପିଅନ୍

ରାଉରକେଲା,୨୧।୨(ନି.ପ୍ର.): ସାରନଗରୀ ପାଣିଟାଙ୍କି ଖେଳ ପଡ଼ିଆ ଠାରେ ପୂର୍ଣ୍ଣାନନ୍ଦ ମାର୍କେଟ କମିଟି ପକ୍ଷରୁ ଚାଲିଥିବା ତୃତୀୟ ଶ୍ୟାମ ସୁନ୍ଦର ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଂଟ ଉଦ୍ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ପାନପୋଷ ସ୍ପୋର୍ଟିଂ କ୍ଲବ ତାର ବିପକ୍ଷ ଦଳ ଇଏଟିଏନ କ୍ଲବକୁ ପରାସ୍ତ କରିଥିଲା । ମ୍ୟାଚ ପ୍ରାରମ୍ଭ ପୂର୍ବରୁ ମୁଖ୍ୟ ଅତିଥି ଭାବେ ଆଇଡ଼ିଏଲର ବରିଷ୍ଠ ମହାପ୍ରବନ୍ଧକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ସେକ୍ଟର ୨୨ଏମ୍ପ୍ଲୋଇଜ ୱେଲଫେୟାର ଟ୍ରଷ୍ଟର ସଭାପତି ସମାଜ ସୋରେନ ଓ ଅନ୍ୟତମ ଅତିଥି ଭାବେ ସମାଜ ସେବୀ ଶ୍ରୀ ଚରଣ ସାମଲ, ସି.ଆର ନନ୍ଦ, ଆଇନଜିବୀ ବିଜୟ ହରିଚନ୍ଦନ, ବିପିନ ଲେଙ୍କା, ସମାଜସେବୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବିଜୟୀ ଦଳକୁ ୨୦ହଜାର ନଗଦ ଅର୍ଥ ସହ ଟ୍ରଫି ଓ ରନର୍ସ ଅଫ ଦଳକୁ ୧୫ ହଜାର ନଗଦ ଅର୍ଥ ସହ ଟ୍ରଫି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଆଜି ମ୍ୟାଚର ରେଫରି ଭାବେ ସସ୍ମିତା ଦାସ, ଆନ୍ନା କେକେଟା, ଗଙ୍ଗାଧର ସାମଲ, ସଂଜୀବ ଚାନ୍ଦ, ସୁଶାନ୍ତ ଗୌଡ, ସଂଜୀବ ମହାନ୍ତି ପ୍ରମୁଖ୍ ମ୍ୟାଚ ପରିଚାଳନା କରିଥିଲେ । ଫାଇନାଲ ମ୍ୟାଚ ଦେଖିବାକୁ ସହସ୍ରାଧିକ ଦର୍ଶକଙ୍କ ସମାଗମ

ହୋଇଥିଲା । ମଂଚ ପରିଚାଳନା ଅକ୍ଷୟ ମଲ୍ଲିକ କରିଥିଲେ । ଟୁର୍ଣ୍ଣାମେଂଟକୁ ପରିଚାଳନା କରିବାରେ ମୁଖ୍ୟ ଆୟୋଜକ ଅନନ୍ତ ପାତ୍ର ସମେତ ମାର୍କେଟ କମିଟି ସଭାପତି ବିନୟ ବେହୁରିଆ, ପୂର୍ଣ୍ଣ ରାଉତ, ସମେତ ଅନ୍ୟାନ୍ୟ କର୍ମକର୍ତା ସକ୍ରିୟ ସହଯୋଗ କରିଥିଲେ ।

ଆଇସିଜି ବଜ୍ରକୁ ବିଶ୍ରାମ

କୋଷ୍ଟଗାର୍ଡର ଅବସରକାଳୀନ ଉତ୍ସବ

ପାରାଦୀପ,୨୧।୨(ନି.ପ୍ର.): ଭାରତୀୟ ତଟରକ୍ଷୀ ବାହିନୀର ୩୦ବର୍ଷ ସେବାକରୀ ଆଇସିଜି ବଜ୍ର ଅବସର ବା ବିଦାୟ ନେଇଛି । ଏହି ପରିପ୍ରେକ୍ଷିରେ ସେନାବାହୀନୀର ମର୍ଯ୍ୟାଦୀପୂର୍ଣ୍ଣ ପାରମ୍ପରିକ ଉତ୍ସବରେ ପାଟ୍ରୋଲିଂ ଜାହଜ ବଜ୍ରକୁ ସୂର୍ଯ୍ୟଅସ୍ତ ସମୟରେ ସେବାରୁ ଅବ୍ୟାହତି ଦିଆଯାଇଛି । ଏହି ବିଦାୟ ଉତ୍ସବ ପାରାଦୀପ ବନ୍ଦରର ୪ନଂ ଗେଟ ମଧ୍ୟରେ ଥିବା ପୋତାଶ୍ରୟରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ତଟରକ୍ଷୀ ବାହିନୀ ଉତ୍ତର ପୂର୍ବାଞ୍ଚଳ କମାଣ୍ଡର ଇନ୍ସପେକ୍ଟର ଜେନେରାଲ କେଏସ ସେଓରାନଙ୍କ ଦ୍ୱାରା ସମ୍ପାଦିତ କରାଯାଇଥିଲା । ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ୧୯୮୮ ମସିହା ଡିସେମ୍ବର ୨୨ ତାରିଖରେ ଆଇସିଜି ବଜ୍ର ତଟରକ୍ଷୀ ବାହିନୀରେ ସାମିଲ ହୋଇଥିଲା । ଦୀର୍ଘ ୩୦ବର୍ଷ ସେବା ପ୍ରଦାନ ଅବସରରେ ଏହା ୫୨ ହଜାର ୯୬୬ ଘଣ୍ଟା ସମୁଦ୍ରରେ ଯାତ୍ରା କରି ସର୍ବମୋଟ ୫ଲକ୍ଷ ୨୪ ହଜାର ୨୯୯ ନଟିକାଲ ମାଇଲ ଅତିକ୍ରମ କରିଛି । ଏ ସମୟ ମଧ୍ୟରେ ୩୪ ଜଣ ବିପନ୍ନ ସହ୍ୟଜୀବୀଙ୍କ ଜୀବନ ରକ୍ଷା କରିବା ସହ ୨୮ଟି ମାଛଧରା ବୋଟ ଉଦ୍ଧାର କରିଛି । ଆଜି ସୂର୍ଯ୍ୟାସ୍ତ ସମୟରେ ଶେଷ ଥର ପାଇଁ ତଟରକ୍ଷୀ ବାହୀନୀର ପତାକା ଅବତରଣ କରାଯାଇଥିଲା । ଏହି ଜାହାଜଟି ମୁମ୍ବାଇର ମାଜାଗାଁଓ ଡକୟାର୍ଡରେ ତଟରକ୍ଷୀ ବାହିନୀ ପାଇଁ ନିର୍ମିତ ହୋଇଥିଲା । ଓଡିଶା ଓ ପଶ୍ଚିମବଙ୍ଗ ସମୁଦ୍ର ଜଳସୀମାରେ ପଇଁତରା ମାରିବା ପାଇଁ ୨୦୧୩ ମସିହାରେ ପାରାଦୀପ ବନ୍ଦରରେ ଜାହାଜଟିକୁ ନିୟୋଜିତ କରାଯାଉଥିଲା । ଏହି ଜାହାଜର ଲମ୍ବ ୭୪ ମିଟର ଥିଲାବେଳେ ଏହା ୨୨ ନଟ୍ସ ବେଗରେ ଗତି କରିପାରୁଥିଲା । ଏଥିରେ ମେସିନ୍ ଗନ୍, ୩୩ଏମ୍ଏମ୍ ଗନ୍, ହେଲିକପ୍ଟର ସୁବିଧା ଓ ପ୍ରଦୂଷଣ ନିୟନ୍ତ୍ରଣ କ୍ଷମତା ଯନ୍ତ୍ରାଂଶ ରହିଥିଲା । ତେବେ ତଟରକ୍ଷୀ ବାହିନୀରୁ ବଜ୍ର ଅବ୍ୟାହତି ନେବା ପରେ ପାରାଦୀପ ବନ୍ଦରରେ ଏହାର ସ୍ମୃତି ଓ ପର୍ଯ୍ୟଟକଙ୍କ ପାଇଁ ସରଂକ୍ଷିତ କରି ରଖାଯିବାକୁ ବନ୍ଦର କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରିଛନ୍ତି ।

କଳିଙ୍ଗ ଷ୍ଟାଡ଼ିୟମରେ ଜାମସେଦପୁର ଖେଳାଳିଙ୍କ ଅଭ୍ୟାସ । ଆସନ୍ତା ରବିବାର ଦିନ ଆଇଏସ୍ଏଲ୍ର ପରବର୍ତ୍ତୀ ମ୍ୟାଚ୍ ଖେଳିବ ଗୋଆ ।

Printed and Published by Sitesh Kumar Rout _ owned by Manthan Printers Private Limited and Printed at M/s. Mayur Offset Printers, Plot No. D-1/1, Sector-A, ZoneD,Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, 8280086863, 8280247040 **Email : odishamanthan@gmail.com**
● **Editor : Sarat Rout**
ସଂପାଦକ : ଶରତ ରାଉତ